ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&HOD)/1212/03-02-2021

# ସୌନ୍ଦର୍ଯ୍ୟମୟୀ ତୋଷାଳି ମେଳାରେ କଳାନୈପୁଣ୍ୟର ଅଭିନବ ଚମକ

ଭୁବନେଶ୍ୱର, ତା.୦୩/୦୨/୨୦୨୧

ସ୍ଥାନୀୟ ଜନତା ମଇଦାନଠାରେ ଜାନୁଆରୀ ୨୧ ତାରିଖଠାରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ତୋଷାଳି ମେଳା ଅନୁଷ୍ଠିତ ହେଉଛି ।

କେତେଦିନ ହେଲା ସୌନ୍ଦର୍ଯ୍ୟର ମାୟାପୁରୀ ପାଲଟିଛି ଜନତା ମଇଦାନ । ଜନତାଙ୍କ ସୁଅ ଛୁଟୁଛି । ମେଳା ମଇଦାନରେ ସୌନ୍ଦର୍ଯ୍ୟର ହାଟ ବସିଛି । ବିବିଧ ସୌନ୍ଦର୍ଯ୍ୟର ଅପରୂପ କାରୁକଳା ଦେଖି ଦର୍ଶକେ ଆତ୍ମବିସ୍ମୃତ ହେଉଛନ୍ତି । ପଡ଼ିଆ ସାରା ଖାଲି କଳାର କିମିଆ । କଳାପ୍ରାଣ ମଣିଷ ଖୋଜୁଛି ନିଜ ରୁଚିର କଳାସାମଗ୍ରୀ ।

ଉତ୍କୃଷ୍ଟ କଳାର କ୍ଷେତ୍ର ଉତ୍କଳ ମାଟିର କଳା ଉତ୍କର୍ଷ ଓ କାରିଗରୀ ଶିଳ୍ପନୈପୁଣ୍ୟ ଦେଖଣାହାରୀ ଓ କ୍ରେତାଙ୍କ ଆଖିରେ ସୃଷ୍ଟି କରୁଛି ଅଭିନବ ଚମକ । ଜାତୀୟ ହସ୍ତଶିଳ୍ପ ମେଳା ତୋଷାଳିର ମଧ୍ୟ ଭାଗରେ ଉତ୍କଳୀୟ ଦେବତା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସୁଦୃଶ୍ୟ ମୂର୍ତ୍ତିର ଅପରୂପ ଶୋଭା ଜଗନ୍ନାଥପ୍ରାଣ ଉତ୍କଳୀୟଙ୍କୁ ଘଡ଼ିଏ ଅଟକେଇ ଦଉଛି । କଟକ ବଡ଼ମ୍ବା ଷ୍ଟଲ୍‌ରେ ଓଁ ଭିତରେ ଶ୍ରୀଜଗନ୍ନାଥଙ୍କ ଶୋଭା ବେଶ୍ ସୁନ୍ଦର ଦିଶୁଛି । ଫିରିଙ୍ଗିଆ ଓ ଗଣ୍ଡମୁଣ୍ଡାର କାଷ୍ଠଶିଳ୍ପ ଷ୍ଟଲ୍‌ରେ ଦର୍ଶକଙ୍କ ନାହିଁ ନଥିବା ଭିଡ଼ । ସେମିତି ଭିଡ଼ ଲାଗିଛି ପିପିଲିର ଚାନ୍ଦୁଆ ଷ୍ଟଲ୍‌ରେ । ଉତ୍କଳିକା, ଅମ୍ଳାନ, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟଲ୍‌ରେ ଅଧିକ ଭିଡ଼ ଜମୁଛି ।

ଛତିଶଗଡ଼ର ଲୌହଶିଳ୍ପ, ତେଲେଙ୍ଗାନାର ଚମଡ଼ା ଶିଳ୍ପ, ରାଜସ୍ଥାନ, ପଂଜାବ ଓ ମଣିପୁର ବୟନଶିଳ୍ପ, ଆସାମର ବାଉଁଶଶିଳ୍ପ ଆଦି ଷ୍ଟଲଗୁଡ଼ିକ ଭାରତୀୟ ସୌନ୍ଦର୍ଯ୍ୟ ଓ କଳାଚେତନାର ଅନନ୍ୟ ପ୍ରତିଭାକୁ ପ୍ରଦର୍ଶିତ କରୁଛି । କର୍ଣ୍ଣାଟକର ଚନ୍ଦନଯୁକ୍ତ ବିବିଧ ପ୍ରସାଧନ ସାମଗ୍ରୀ କିଣିବାକୁ ଗ୍ରାହକମାନେ ବେଶ୍ ପସନ୍ଦ କରୁଛନ୍ତି । ଆଗ୍ରାର ସୁନ୍ଦର କାଚ ସାମଗ୍ରୀ ଦର୍ଶକଙ୍କ ଆଖି ଝଲସାଇ ଦେଉଛି । ଶୀତ ସରିସରି ଆସିଲେ ବି ହିମାଚଳ ପ୍ରଦେଶରୁ ଆସିଥିବା ମନୋଲୋଭା ଆକର୍ଷଣୀୟ ଶୀତରୋକା ଜ୍ୟାକେଟର ମୋହ ଷ୍ଟଲ ଆଡ଼କୁ ଆକର୍ଷିତ କରୁଛି ।

କେଉଁଝରର ଭଗାମୁଣ୍ଡାର ଟସର ସିଲକ୍ ପାର୍କ ଷ୍ଟଲରେ ଟସର ଜ୍ୟାକେଟ୍ ସହ ଅନ୍ୟାନ୍ୟ ସାମଗ୍ରୀର ଭଲ ଚାହିଦା ରହିଛି । ଡିଜିଟାଲ୍ ପ୍ରିଣ୍ଟ ଟସର ଶାଢ଼ିର ସୌନ୍ଦର୍ଯ୍ୟ କଳା ଦର୍ଶକଙ୍କୁ ବିମୋହିତ କରୁଛି । ପାରମ୍ପରିକ କଳାଚେତନା ସହ ଡିଜିଟାଲ ପ୍ରିଣ୍ଟିଂ କଳାର ଅପୂର୍ବ ମିଶ୍ରଣ ।

ତୋଷାଳି ମେଳା ଦିବା ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କ ନିମନ୍ତେ ଖୋଲା ରହୁଛି । ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ତୋଷାଳି ମେଳା ଚାଲିବ ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ